# NATIONAL NEWS BULLETIN (ODIA)

## 6 January - 2025

## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି କହିଛନ୍ତି, ଅନୁସୂଚିତ ଜନଜାତିଙ୍କ ସମେତ ସମାଜର ସବୁ ବର୍ଗଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି ସରକାର
- ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦେବା ଫଳରେ ରେଳବାଇ କ୍ଷେତ୍ର ରୂପାନ୍ତରିତ ହୋଇଛି; କହିଲେ ପ୍ରଧାନମନ୍ତ୍ରୀ
- ଛତିଶଗଡ଼ ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ପକ୍ଷରୁ ସୁରକ୍ଷାବାହିନୀ ଗାଡ଼ି ଉପରେ ଆକ୍ରମଣ ଫଳରେ ୯ ଜଣଙ୍କ ପ୍ରାଣହାନୀ
- ମଧ୍ୟମ ଦୂରତା ବିଶିଷ୍ଟ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କଲା ଉତ୍ତର କୋରିଆ

ଏବଂ

- ଆୟରଲାଣ୍ଡ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ମହିଳା ଦିନିକିଆ କ୍ରିକେଟ ଶୃଙ୍ଖଳା ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷିତ

## ପ୍ରେଜ୍

ଅନୁସୂଚିତ ଜନଜାତିଙ୍କ ସମେତ ସମାଜର ସବୁ ବର୍ଗଙ୍କ ଉନ୍ନତି ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ଭବନରେ ବିଭିନ୍ନ ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନର ଅନୁସୂଚିତ ଜନଜାତିର ମହିଳା ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ମହିଳା ସଶକ୍ତୀକରଣ ଭାରତୀୟ ଗଣତନ୍ତ୍ରର ମେରୁଦଣ୍ଡ। ସମ୍ବିଧାନ ମହିଳାଙ୍କୁ ସମାନ ଅଧିକାର ପ୍ରଦାନ କରିଛି ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି।

## ପିଏମ୍- ରେଲୱେ ପ୍ରୋଜେକ୍ଟ

ମେଡ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦେବା ଫଳରେ ରେଳବାଇ କ୍ଷେତ୍ର ରୂପାନ୍ତରିତ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସେ କହିଛନ୍ତି, ମେଟ୍ରୋ ଏବଂ ରେଳବାଇ ପାଇଁ ଅତ୍ୟାଧୁନିକ କୋଚ୍ ବିକଶିତ କରାଯାଉଛି। ଆଜି ଭିଡିଓ କନଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ବିଭିନ୍ନ ରେଳ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଜାମ୍ମୁ ଅଞ୍ଚଳରେ ଯୋଗାଯୋଗକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନୂତନ ଜମ୍ମୁ ରେଳ ଡିଭିଜନକୁ ଉଦଘାଟନ କରିଛନ୍ତି । ପୂର୍ବତଟ ରେଳପଥର ଓଡ଼ିଶାର ରାୟଗଡ଼ା ରେଳ ଡିଭିଜନ ଭବନର ଶିଳାନ୍ୟାସ

କରିବା ସହ ତେଲେଙ୍ଗାନାର ଚାର୍ଲାପଲ୍ଲୀ ନୂଆ ଟର୍ମିନାଲ ଷ୍ଟେସନକୁ ମଧ୍ୟ ଉଦଘାଟନ କରିଛନ୍ତି ।

ଦେଶରେ ଡେଡିକେଟେଡ୍ ଫ୍ରେଟ୍ କରିଡର ଭଳି ଆଧୁନିକ ରେଳ ନେଟୱାର୍କର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଥିବା ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ଏହି ସ୍ୱତନ୍ତ୍ର କରିଡର ନିୟମିତ ଟ୍ରାକ୍ ଉପରେ ଚାପ ହ୍ରାସ କରିବ ଏବଂ ହାଇସ୍ପିଡ୍ ଟ୍ରେନ୍ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବ। ଷ୍ଟେସନଗୁଡ଼ିକର ପୁନଃବିକାଶ କରାଯାଉଛି, ଷ୍ଟେସନରେ ସୋଲାର ପ୍ୟାନେଲ ଏବଂ ଗୋଟିଏ ଷ୍ଟେସନରେ ଗୋଟିଏ ଉତ୍ପାଦ ଷ୍ଟଲ ଲଗାଯାଉଥିବା ଶ୍ରୀ ମୋଦୀ କହିଛନ୍ତି। ଏହି ସମସ୍ତ ପଦକ୍ଷେପ ଯୋଗୁଁ ରେଳ କ୍ଷେତ୍ରରେ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଜମ୍ମୁ-କଶ୍ମୀର, ତେଲଙ୍ଗାନା ଏବଂ ଓଡ଼ିଶାରେ ରେଳ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ବିକାଶକୁ ବଢ଼ାଇବ । ଗତ ଦଶନ୍ଧି ଭାରତୀୟ ରେଳପଥର ଦୃଶ୍ୟମାନ ପରିବର୍ତ୍ତନର ଦଶନ୍ଧି ଏବଂ ଏହା ଦେଶର ଭାବମୂର୍ତ୍ତିକୁ ବଦଳାଇ ଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଭିତ୍ତିଭୂମିର ଆଧୁନିକୀକରଣ, ରେଳ ଯାତ୍ରୀଙ୍କୁ ଅତ୍ୟାଧୁନିକ ସୁବିଧା, ଦେଶର କୋଣ ଅନୁକୋଣରେ ରେଳ ସଂଯୋଗ ଓ  ନିଯୁକ୍ତି ସୃଷ୍ଟି ଏବଂ ଶିଳ୍ପକୁ ସମର୍ଥନ କରିବା ଭଳି ଚାରୋଟି ମାନଦଣ୍ଡରେ ସରକାର

ରେଳବାଇର ବିକାଶକୁ ଆଗେଇ ନେଉଛନ୍ତି। ଆଜି ଭାରତ ରେଳ ଲାଇନର ପ୍ରାୟ ଶତ ପ୍ରତିଶତ ବିଦ୍ୟୁତୀକରଣ ହୋଇପାରିଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଉଧମପୁର - ଶ୍ରୀନଗର -ବାରାମୁଲା ରେଳ ଲାଇନ ନିର୍ମାଣ ସହିତ ଜମ୍ମୁ ଓ କଶ୍ମୀର ରେଳ ଭିତ୍ତିଭୂମିରେ ନୂତନ ମାଇଲଖୁଣ୍ଟ ହାସଲ କରିଛି।  ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱର ସର୍ବୋଚ୍ଚ ରେଲୱେ ଆର୍କ ବ୍ରିଜ୍ ଚେନାବ ସେତୁ ସମ୍ପୂର୍ଣ୍ଣ ହେବା ପରେ ଏହି ଅଞ୍ଚଳ ଦେଶର ବିଭିନ୍ନ ପ୍ରାନ୍ତ ସହିତ ଯୋଡ଼ି ହୋଇଯିବ। ଫଳରେ ଲେହ- ଲଦାଖର ଜନସାଧାରଣ ଉପକୃତ ହେବେ। ଓଡ଼ିଶାରେ ୭୦ ହଜାର କୋଟିରୁ ଅଧିକ ମୂଲ୍ୟର ଅନେକ ରେଳ ପ୍ରକଳ୍ପ ଚାଲିଥିବା ବେଳେ ୭ଟି ଗତି ଶକ୍ତି କାର୍ଗୋ ଟର୍ମିନାଲ ପ୍ରତିଷ୍ଠା କରାଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଗଡ଼କରୀ- ସୁରକ୍ଷା ରିଲୋଡେଡ୍ ଇଭେଣ୍ଟ

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଛାତ୍ରଛାତ୍ରୀମାନଙ୍କୁ ଟ୍ରାଫିକ ନିୟମ ପାଳନ କରିବାକୁ ଆହ୍ୱାନ କରିଛନ୍ତି। ଛାତ୍ରଛାତ୍ରୀମାନେ ଟ୍ରାଫିକ ନିୟମ ମାନିଲେ ଏହା ସେମାନଙ୍କୁ ସୁରକ୍ଷିତ ରଖିବା ସହିତ ବୟସ୍କ ନାଗରିକମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରିବ। ମୁମ୍ବାଇରେ ଜାତୀୟ ରାଜପଥ ପ୍ରାଧିକରଣ–ଏନ୍ଏଚ୍ଏଆଇ ଦ୍ୱାରା ଆୟୋଜିତ ସଡ଼କ ସୁରକ୍ଷା ଅଭିଯାନ ୨୦୨୫ର 'ସୁରକ୍ଷା ରିଲୋଡେଡ୍' କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ଗଡ଼କରୀ ଗତ ଏକ ବର୍ଷ ମଧ୍ୟରେ

ସଡ଼କ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଥିବା କହିଛନ୍ତି। ସେ ସଡ଼କ ଦୁର୍ଘଟଣା ଏବଂ ଦୁର୍ଘଟଣାରେ ପୀଡ଼ିତଙ୍କ ସମ୍ପର୍କିତ ବିଭିନ୍ନ ପରିସଂଖ୍ୟାନ ଉପସ୍ଥାପନ କରିଥିଲେ। ଗତ ବର୍ଷକ ମଧ୍ୟରେ ସ୍କୁଲ ଓ ବିଭିନ୍ନ ଅନୁଷ୍ଠାନ ରହିଥିବା ଅଞ୍ଚଳରେ ପ୍ରାୟ ୧୦ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା କହିଛନ୍ତି। ପିଲାମାନଙ୍କଠାରେ  ନିଜର ପିତାମାତା ଏବଂ ସେମାନଙ୍କ ଆଖପାଖ ଲୋକଙ୍କୁ ପ୍ରଭାବିତ କରିବାର ଶକ୍ତି ରହିଛି ଶ୍ରୀ ଗଡ଼କରୀ କହିଛନ୍ତି।

## ଯୋଶୀ-ବିସ୍

ଖାଉଟିଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରୁପା ଓ ରୂପା କଳାକୃତିପାଇଁ ବାଧ୍ୟତାମୂଳକ ହଲମାର୍କିଂ ଲାଗୁ କରିବାକୁ ବିଚାର କରିବାକୁ ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଭାରତୀୟ ମାନକ ବ୍ୟୁରୋ-ବିଆଇଏସକୁ ପରାମର୍ଶ ଦେଇଛନ୍ତି। ନୂଆଦିଲ୍ଲୀରେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡର ୭୮ତମ ପ୍ରତିଷ୍ଠା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି, ଦେଶର ପ୍ରଗତି କେବଳ ନିଜ ସ୍ଥିରୀକୃତ ମାନଦଣ୍ଡ ହାସଲ କରିବାରେ ହିଁ ସମ୍ଭବ। ସେ ଆହୁରି ମଧ୍ୟ କହିଛନ୍ତି, ୧୯୪୭ମସିହାରେ ବିଆଇଏସ୍ ପ୍ରତିଷ୍ଠା ପରଠାରୁ ଏହା ବିଭିନ୍ନ କ୍ଷେତ୍ରରେ ମାନକ ପ୍ରସ୍ତୁତ କରିବା, କାର୍ଯ୍ୟକାରୀ କରିବା ଏବଂ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଗୁଣବତ୍ତା ନିୟନ୍ତ୍ରଣ ନିର୍ଦ୍ଦେଶ (କ୍ୟୁସିଓ)ର କାର୍ଯ୍ୟକାରିତା ହେଉଛି ଗୁଣାତ୍ମକ ଇକୋସିଷ୍ଟମର ମୂଳଦୁଆ ବୋଲି ମନ୍ତ୍ରୀ

କହିଛନ୍ତି। ଶ୍ରୀ ଯୋଶୀ କହିଛନ୍ତି, ବିଆଇଏସ୍ ବର୍ତ୍ତମାନ ସୁଦ୍ଧା ପ୍ରାୟ ଦୁଇଶହ କ୍ୟୁସିଓ ଜାରି କରିଛି ଯାହା ୭୫୦ରୁ ଅଧିକ ଉତ୍ପାଦକୁ ପ୍ରଭାବିତ କରିଛି। ଶ୍ରୀ ଯୋଶୀ ଦେଶର ଡାକ୍ତରୀ ଉପକରଣର ମାନ ସୁନିଶ୍ଚିତ କରିବା ପାଇଁ ମଧ୍ୟ ବିଆଇଏସକୁ ଶ୍ରେୟ ଦେଇଛନ୍ତି।

## ଛତିଶଗଡ଼ କିଲ୍‌ଡ

ଛତିଶଗଡ଼ ବିଜାପୁର ଜିଲ୍ଲାରେ ଆଜି ମାଓବାଦୀମାନଙ୍କ ଦ୍ୱାରା ସୁରକ୍ଷା ବାହିନୀର ଏକ ଗାଡ଼ି ଉପରେ ଆକ୍ରମଣ ଫଳରେ ୮ ଜଣ ଯବାନ ଓ ଗାଡ଼ି ଚାଳକ ପ୍ରାଣ ହରାଇଛନ୍ତି। ବସ୍ତର ଡିଭିଜନର କୁଟ୍ରୁ ଥାନା ଅନ୍ତର୍ଗତ ଆମ୍ବେଲି ନିକଟରେ ୯ ଜଣ ଯବାନ ଓ ଜଣେ ଡ୍ରାଇଭରଙ୍କ ସମେତ ୧୦ ଜଣଙ୍କୁ ନେଇ ଯାଉଥିବା ଗାଡ଼ି ଉପରେ ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ଜଣେ ଯବାନ ନିଖୋଜ ଅଛନ୍ତି।

## ଏରୋ ଇଣ୍ଡିଆ

ଏସିଆର ସର୍ବବୃହତ ଏରୋ ସୋ' ଏରୋ ଇଣ୍ଡିଆ ୨୦୨୫ର ପଞ୍ଚଦଶ ସଂସ୍କରଣ ଆସନ୍ତା ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ବେଙ୍ଗାଲୁରୁର ୟେଲାହାଙ୍କାସ୍ଥିତ ବାୟୁସେନା ଷ୍ଟେସନରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି 'ବିଲିୟନ ସୁଯୋଗର ରନୱେ'। ଏରୋ ଇଣ୍ଡିଆ ପ୍ରଦର୍ଶନୀ ସ୍ୱଦେଶୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ସହ

ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦର୍ଶନ କରିବା ପାଇଁ ବିଦେଶୀ ଓ ଭାରତୀୟ କମ୍ପାନୀମାନଙ୍କ ମଧ୍ୟରେ ଭାଗିଦାରୀ ସ୍ଥାପନ ଲାଗି ଏକ ଅନନ୍ୟ ମଞ୍ଚ ପ୍ରଦାନ କରିବ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, କାର୍ଯ୍ୟକ୍ରମର ପ୍ରଥମ ତିନି ଦିନ ବ୍ୟବସାୟିକ ଦିବସ ହେବାକୁ ଥିବା ବେଳେ ୧୩ ଓ ୧୪ ତାରିଖକୁ ସର୍ବସାଧାରଣ ଦିବସ ଭାବେ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତର ପ୍ରମୁଖ ଘରୋଇ ପ୍ରତିରକ୍ଷା ଓ ଏରୋସ୍ପେସ୍ ଉତ୍ପାଦନକାରୀ କମ୍ପାନୀର ସିଇଓ, ଘରୋଇ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଅଂଶଗ୍ରହଣ କରିବେ ।

୧୯୯୬ ମସିହାରୁ ଏରୋ ଇଣ୍ଡିଆ ବେଙ୍ଗାଲୁରୁରେ ୧୪ଟି ସଫଳ ଏରୋ ସୋ' ସଂସ୍କରଣ ଆୟୋଜନ କରି ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଗତ ସଂସ୍କରଣରେ ୭ ଲକ୍ଷରୁ ଅଧିକ ପର୍ଯ୍ୟଟକ, ୯୮ଟି ଦେଶର ବିଶିଷ୍ଟ ବ୍ୟକ୍ତି ଏବଂ ବ୍ୟବସାୟ, ନିବେଶକ, ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍ଇ ସମେତ ୮୦୯ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ ।

## ନର୍ଥ କୋରିଆ- ମିସାଇଲ୍

ଉତ୍ତର କୋରିଆ ଏହାର ପୂର୍ବ ଦିଗରେ ସମୁଦ୍ର ଆଡ଼କୁ ମଧ୍ୟମ ଦୂରତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରିଛି । ଦକ୍ଷିଣ କୋରିଆ ସେନା କହିଛି, ଏହି କ୍ଷେପଣାସ୍ତ୍ର ଉପଦ୍ୱୀପ ଏବଂ ଜାପାନ ମଧ୍ୟରେ ଥିବା ସମୁଦ୍ରରେ ଅବତରଣ କରିବା ପୂର୍ବରୁ ପ୍ରାୟ ୧୧୦୦ କିଲୋମିଟର ଉଡ଼ିଥିଲା । ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଥିବା କହି ଦକ୍ଷିଣ କୋରିଆ ଏହାକୁ ନିନ୍ଦା କରିଛି । ସୂଚନାଯୋଗ୍ୟ, ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଦକ୍ଷିଣ କୋରିଆର ପ୍ରମୁଖ ନେତାଙ୍କ ସହ ଆଲୋଚନା ପାଇଁ ସିଓଲ ଗସ୍ତରେ ଥିବା ବେଳେ ଉତ୍ତର କୋରିଆ ପକ୍ଷରୁ ଏହି ଉତକ୍ଷେପଣ କରାଯାଇଛି ।

## ଦିଲ୍ଲୀ ପୁଲିସ୍- ବାଂଲାଦେଶୀ

ଭାରତରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କ ବିରୋଧରେ ଚାଲିଥିବା ଚଢ଼ଉରେ ଦିଲ୍ଲୀ ପୁଲିସ ସହରରୁ ୯ ଜଣ ବାଂଲାଦେଶୀଙ୍କୁ ଗିରଫ କରିଛି । ଗିରଫ ସମସ୍ତ ବାଂଲାଦେଶୀ ନାଗରିକଙ୍କୁ ପ୍ରତ୍ୟାବର୍ତ୍ତନ ପାଇଁ ପଠାଯାଇଛି । ଦିଲ୍ଲୀ ପୁଲିସ ଡିସିପି ଏମ୍ ହର୍ଷବର୍ଦ୍ଧନ ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କେନ୍ଦ୍ରୀୟ ଜିଲ୍ଲା ଅଞ୍ଚଳରେ ବେଆଇନ ଭାବେ ରହୁଥିବା ବିଦେଶୀ

ନାଗରିକଙ୍କ ବିରୋଧରେ ପୁଲିସ ଅଭିଯାନକୁ ଜୋରଦାର କରାଯାଇଛି। ସେ କହିଛନ୍ତି, ପୁଲିସ ପକ୍ଷରୁ ପ୍ରତ୍ୟେକ ଅଞ୍ଚଳରେ ବେଆଇନ ଭାବେ ରହୁଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟ ସହ ଏବଂ ଇମିଗ୍ରେସନ ଡାଟାକୁ ବିଶ୍ଳେଷଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ମହିଳା କ୍ରିକେଟ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ବିସିସିଆଇ' ଆୟରଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ମହିଳା ଦିନିକିଆ କ୍ରିକେଟ ଶୃଙ୍ଖଳା ପାଇଁ ୧୫ ଜଣିଆ ଦଳ ଘୋଷଣା କରିଛି। ଅଧିନାୟିକା ହରମନପ୍ରୀତ କୌର ଓ ଦ୍ରୁତ ବୋଲର ରେଣୁକା ସିଂହ ଠାକୁରଙ୍କୁ ବିଶ୍ରାମ ଦିଆଯାଇଛି। ହରମନପ୍ରୀତଙ୍କ ଅନୁପସ୍ଥିତିରେ ସ୍ମୃତି ମନ୍ଧାନା ମହିଳା ଦଳର ନେତୃତ୍ୱ ନେବେ ଏବଂ ଦୀପ୍ତି ଶର୍ମା ଉପଅଧିନାୟକ ଭାବେ ଦାୟିତ୍ୱ ତୁଲାଇବେ। ରିଚା ଘୋଷ ଓ ଉମା ଛେତ୍ରୀଙ୍କୁ ୱିକେଟ୍ କିପର୍ ଭାବେ ଦଳରେ ସାମିଲ କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଦଳରେ ପ୍ରତୀକ ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗେଜ୍, ତେଜଲ ହସବନିସ, ରାଘବୀ ବିଷ୍ଟ, ମିନୁ ମଣି, ପ୍ରିୟା ମିଶ୍ର, ତନୁଜା କନୱର, ତିତାସ ସାଧୁ, ସାଇମା ଠାକୁର ଓ ସାୟାଲି ସାତଘରେ ରହିଛନ୍ତି।

ଦିନିକିଆ ଶୃଙ୍ଖଳା ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ, ଦ୍ୱିତୀୟ ମ୍ୟାଚ୍ ୧୨ ତାରିଖ ଦିନ ଏବଂ ଫାଇନାଲ ମ୍ୟାଚ୍ ଆସନ୍ତା ୧୫ ତାରିଖରେ ଖେଳାଯିବ। ରାଜକୋଟର ନିରଞ୍ଜନ ଶାହା ଷ୍ଟାଡିୟମରେ ସିରିଜ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ।